# ମମତା ସର୍ଟଷ୍ଟେ ହୋମ୍‌ରେ ମାସ୍କ ବିତରଣ



କଟକ,୨୯।୬/ଏନ୍‌ଏନ୍‌ଏସ୍: କରୋନା ଭୂତାଣୁ ଦିନକୁ ଦିନ ସଂକ୍ରମିତ ହେବାରେ ଲାଗିଛି । ତେଣୁ ସାମାଜିକ ଦୂରତା ବଜାୟ ରଖିବା ସହ ମାସ୍କ ବ୍ୟବହାର କରିବା ପାଇଁ ସ୍ଥାନୀୟ ବିଡ଼ାନାସୀ ବନ୍ଧ ନିକଟରେ ଥିବା ମମତା ସର୍ଟଷ୍ଟେ ହୋମ୍‌ର ଅନ୍ତେବାସୀମାନଙ୍କୁ ଏ ସମ୍ପର୍କରେ ସଚେତନ କରାଯାଇଥିଲା । ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ସଂଘର ସଂଗଠନ ସମ୍ପାଦିକା ମୀରା ବେଉରା, ହୋମ୍‌ର ଅନ୍ତେବାସୀମାନଙ୍କୁ ମାସ୍କ ପ୍ରଦାନ କରିଥିଲେ । ହୋମ୍ ପକ୍ଷରୁ ଚୈତାଳି ସ୍ୱାଇଁ, ଭାନୁମତୀ ସ୍ୱାଇଁ ଓ ବିଜୟା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

NITIDIN Tue, Jun 30, 2020
http://odishanewsnitidin.com